

୧୭ଶ ବର୍ଷ ● ୧୧ଶ ସଂଖ୍ୟା ● ମଇ ୨୦୧୭

ପ୍ରଚ୍ଛଦ ପ୍ରସଙ୍ଗ : ଓଡ଼ିଶାର ପଦ୍ମ
ଆଳାପ : ଅରୁଣା ମହାନ୍ତି
ବିଶେଷ ପ୍ରସଙ୍ଗ : ସରସ୍ୱତୀ ସମ୍ମାନ-୨୦୧୬: ଔପନ୍ୟାସିକ ମହାବଳେଶ୍ୱର ଶୈଲ
କାଳଜୟୀ : ସଚ୍ଚିଦାନନ୍ଦ ରାଉତରାୟ
ଭ୍ରମଣ କାହାଣୀ: ମୋ ଝର୍କାରୁ ପୃଥିବୀ
ସାହିତ୍ୟ : ୨ଟି ଗଳ୍ପ, ୫ଟି କବିତା
ନିୟମିତ : ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।

## ପ୍ରଥମ ପ୍ରସଙ୍ଗ: ଓଡ଼ିଶାର ପଦ୍ମ

ସ୍ୱକ୍ଷେତ୍ରରେ ଶ୍ରେଷ୍ଠ ରାଷ୍ଟ୍ରସେବା ପାଇଁ ଭାରତ ସରକାରଙ୍କ ତରଫରୁ ବେସାମରିକ କ୍ଷେତ୍ରରେ ପ୍ରଦାନ କରାଯାଏ ଚାରିଟି ଶ୍ରେଷ୍ଠ ଜାତୀୟ ସମ୍ମାନ: ଭାରତ ରତ୍ନ, ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମ ଶ୍ରୀ। ଭାରତ ସରକାରଙ୍କ ବିଧିବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁସରଣରେ ଏହିସବୁ ସମ୍ମାନର ପ୍ରାପକଙ୍କ ନାମ ସ୍ଥିର ହୁଏ। ଆଜିପର୍ଯ୍ୟନ୍ତ ପଞ୍ଚାଳିଶ ଜଣ 'ଭାରତ ରତ୍ନ', ତିନିଶହ ଜଣ 'ପଦ୍ମ ବିଭୂଷଣ', ବାରଶହ ଏକତିରିଶ ଜଣ 'ପଦ୍ମ ଭୂଷଣ' ଓ ଦୁଇହଜାର ନଅଶହ ତେରଜଣ 'ପଦ୍ମ ଶ୍ରୀ' ସମ୍ମାନରେ ସମ୍ମାନିତ ହୋଇସାରିଲେଣି। ଜାତିର ସେବା ପାଇଁ ଜାତୀୟ ସମ୍ମାନ ଲାଭ କରିବା ସୌଭାଗ୍ୟର ବିଷୟ ବୋଲି ବିଚାର କରାଯାଏ। ତେବେ ଏହି ସୌଭାଗ୍ୟ ଆମ ରାଜ୍ୟ ଓଡ଼ିଶାର କେତେଜଣ କୃତି ସନ୍ତାନଙ୍କ ଭାଗ୍ୟରେ ଜୁଟିଛି ! କେତେଜଣ ଓଡ଼ିଆ କୃତବିଦ୍ୟ ଏପରି ଜାତୀୟ ସମ୍ମାନରେ ବିଭୂଷିତ ହୋଇ ଓଡ଼ିଶା ଓ ଓଡ଼ିଆଙ୍କୁ ଗର୍ବିତ କରିଛନ୍ତି ! ବେସାମରିକ କ୍ଷେତ୍ରରେ ଶ୍ରେଷ୍ଠ ଚାରିଟି ଜାତୀୟ ସମ୍ମାନ ପରିପ୍ରେକ୍ଷୀରେ ଓଡ଼ିଶା ଓ ଓଡ଼ିଆଙ୍କର ଭାଗୀଦାରିକୁ ନେଇ 'କାଦମ୍ବିନୀ'ର ଏକ ବିଶେଷ ଆଲୋଚନା। ପରିକଳ୍ପନା: ଇତି ସାମନ୍ତ, ପ୍ରସ୍ତୁତି: ଅମିତାଭ ଖିଲାର।

## ଆଳାପ : ଅରୁଣା ମହାନ୍ତି

ଓଡ଼ିଶୀ ନୃତ୍ୟ ପରମ୍ପରାର ଜଣେ ଅତ୍ୟନ୍ତ ଦୀପ୍ତିମାନ ଶିଳ୍ପୀ ହେଉଛନ୍ତି ପଦ୍ମ ଶ୍ରୀ ଅରୁଣା ମହାନ୍ତି। ଓଡ଼ିଶୀ ନୃତ୍ୟକୁ ଏକ ସମ୍ମାନଜନକ ସ୍ଥାନରେ ପହଞ୍ଚାଇବାରେ ତାଙ୍କର ଭୂମିକା ବେଶ୍ ଉଲ୍ଲେଖନୀୟ। ବହୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଉତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସେ ଅର୍ଜନ କରିଛନ୍ତି ଅଜସ୍ର ପ୍ରଶଂସା। ଓଡ଼ିଶୀ ନୃତ୍ୟ ଜଗତରେ ତାଙ୍କ ନୃତ୍ୟର ଔଜ୍ଜ୍ୱଲ୍ୟରେ ସର୍ବଦା ସେ ପ୍ରତିଭାତ ହୋଇଆସିଛନ୍ତି। ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସୁଯୋଗ୍ୟା ଶିଷ୍ୟା ଅରୁଣା ମହାନ୍ତି କେବଳ ଜଣେ ଓଡ଼ିଶୀ ନୃତ୍ୟାଙ୍ଗନା ନୁହନ୍ତି, କୋରିଓଗ୍ରାଫର ମଧ୍ୟ। ତାଙ୍କ ସଂରଚନାର ବହୁ ଉଚ୍ଚକୋଟୀର ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଛି। ଓଡ଼ିଶୀ ନୃତ୍ୟ ପ୍ରତି ତାଙ୍କର ବ୍ୟାପକ ଅବଦାନ ନିମନ୍ତେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ଚତୁର୍ଥ ସର୍ବୋଚ୍ଚ ଜାତୀୟ ନାଗରିକ ସମ୍ମାନ 'ପଦ୍ମ ଶ୍ରୀ' ପ୍ରଦାନ କରାଯାଇଛି। ତଦ୍‌ବ୍ୟତୀତ ସେ ମାହାରୀ ସମ୍ମାନ, ସଂଯୁକ୍ତା ପାଣିଗ୍ରାହୀ ସ୍ମାରକୀ ଜାତୀୟ ସମ୍ମାନ, ଭାରତ ସରକାରଙ୍କ ଫେଲୋସିପ୍, ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରଭୃତି ପ୍ରାପ୍ତ ହୋଇସାରିଛନ୍ତି। ମର୍ଯ୍ୟାଦାଜନକ 'ପଦ୍ମ ଶ୍ରୀ' ସମ୍ମାନ ପ୍ରାପ୍ତି ତଥା 'କାଦମ୍ବିନୀ'ର ପ୍ରଚ୍ଛଦରେ ସ୍ଥାନିତ ହେବା ଅବସରରେ ଅରୁଣା ମହାନ୍ତିଙ୍କ ସହ ଏକ ମନଖୋଲା କଥା ହେବାର ସୁଯୋଗ ମୋତେ ଜୁଟିଲା। ଅଳ୍ପ କେତେ ସମୟର କଥାବାର୍ତ୍ତା ଭିତରେ ତାଙ୍କ ସମ୍ପର୍କରେ ଏବଂ ଓଡ଼ିଶୀ ନୃତ୍ୟ ସଂପର୍କରେ ସେ ଅନେକ କଥା କହିଥିଲେ। ସେହି ଆଳାପ 'କାଦମ୍ବିନୀ'ର ପ୍ରିୟ ପାଠକଙ୍କ ନିମନ୍ତେ। ସାକ୍ଷାତ: ଇତି ସାମନ୍ତ

## ବିଶେଷ ପ୍ରସଙ୍ଗ : ସରସ୍ୱତୀ ସମ୍ମାନ ୨୦୧୬:ଔପନ୍ୟାସିକ ମହାବଳେଶ୍ୱର ଶୈଲ

ଚଳିତବର୍ଷ ସମେତ ବିଗତ ୨୬ ବର୍ଷ ମଧ୍ୟରେ ସରସ୍ୱତୀ ସମ୍ମାନ ଓଡ଼ିଆ, ମାଲୟାଲମ ଓ ପଞ୍ଜାବୀ ଭାଷା ତିନିଥର ଲେଖାଏଁ ଲାଭକରି ଥିବା ବେଳେ ହିନ୍ଦୀ, କନ୍ନଡ଼, ତାମିଲ, ମରାଠି, ଉର୍ଦ୍ଦୁ ଓ ବଙ୍ଗଳା ଭାଷା ଦୁଇଥର ଲେଖାଁ ଏବଂ ଅସମିୟା, ଡୋଗ୍ରି, ସଂସ୍କୃତ, ଗୁଜରାଟି ଓ କୋଙ୍କଣୀ ଭାଷା ଥରେ ଲେଖାଁଏ ଲାଭ କରିଛନ୍ତି। ୧୯୯୧ ମସିହାରୁ ନିରନ୍ତର ଭାବେ ଏହି ମର୍ଯ୍ୟାଦାଜନକ ସରସ୍ୱତୀ ସମ୍ମାନ କେ.କେ.ବିର୍ଲା ଫାଉଣ୍ଡେସନ ତରଫରୁ ପ୍ରଦାନ କରାଯାଇଆସୁଛି। ପ୍ରକାଶ ଥାଉକି ଏଯାଏ ସରସ୍ୱତୀ ସମ୍ମାନ କୌଣସି ଏକ ଭାରତୀୟ ଭାଷାରେ ଲିଖିତ ପୁସ୍ତକକୁ ହିଁ ବିଚାରକରି ପ୍ରଦାନ କରାଯାଉଥିବା ବେଳେ ଜ୍ଞାନପୀଠ ପୁରସ୍କାର ଲେଖକଙ୍କ ସାମଗ୍ରିକ କୃତିକୁ ବିଚାର କରି ଅର୍ପଣ କରାଯାଇଥାଏ। ଉପସ୍ଥାପନା ଓ ଅନୁବାଦ: କ୍ଷୀରୋଦ ପରିଡ଼ା

## ବିଶେଷ ପ୍ରସଙ୍ଗ : ସରସ୍ୱତୀ ସମ୍ମାନ ପୁରସ୍କୃତ ଉପନ୍ୟାସ: ଚୁଲ୍ଲୀ

ଉଚ୍ଚଶିକ୍ଷା ପାଇଁ ଘର ଛାଡ଼ିଥିବା ଯଶୋବନ୍ତର ପୁଅ ସଦାନନ୍ଦ ପୁନାରୁ ଫେରିଆସିଛି ସାଢ଼େ ପାଞ୍ଚବର୍ଷ ପରେ। ସଦାନନ୍ଦର ସ୍ୱାସ୍ଥ୍ୟ ଥିଲା ଦୀର୍ଘକାୟ, ନହନହକା ଓ କ୍ଷୀଣକାୟ ଆଉ ଏବେ ସେ ଆଗ ଅପେକ୍ଷା ହୋଇଯାଇଚି ଅଧିକ ଗୋରା ଓ ସୁନ୍ଦର। ଦିନେ ଏହି କିଶୋର ଜଣକ ତାଙ୍କ ଅଗଣାରେ ଶୁଖୁଥିବା କଞ୍ଚାମାଟିର ହାଣ୍ଡି କଳସୀକୁ ଭାଙ୍ଗିଚୂରି ଯେପରି କି ବାହାରିଯାଇଥିଲା ସହରକୁ। ଏବେ ସେ ଫେରି ଆସିଛି ଘରକୁ ପ୍ରଥମ ଶ୍ରେଣୀର ଏକ ସ୍ନାତକ ଉପାଧି ଧରି ଏବଂ ଆଖିରେ ତା'ର ଉଦ୍‌ଭାସିତ ହେଉଚି ନୂଆ ଆଶାର ଝଲକ।

## କାଳଜୟୀ: ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

ପଦ୍ମ ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ପୁଣ୍ୟ ଜନ୍ମ ଶତବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କର ଏକ ଚର୍ଚ୍ଚିତ ଗଳ୍ପ 'ଅନ୍ଧାରୁଆ'କୁ ସ୍ଥାନିତ କରୁଛୁ ଏହି ସ୍ୱତନ୍ତ୍ର ସ୍ତମ୍ଭରେ। ସ୍ଥାନିତ କରିଛୁ ମଧ ଏହି ମହାନ ସ୍ରଷ୍ଟାଙ୍କ ସଂପର୍କରେ ଏକ ସ୍ୱଚ୍ଛାଲେଖ୍ୟଟିଏ। ଏହି ଗଳ୍ପ ଉପରେ ସୁପରିଚିତ କବି ଗିରିଜା କୁମାର ବଳୀୟାରସିଂହ ଏକ ମୁଗ୍ଧ ପାଠକୀୟ ଆଲୋଚନା ବାଢ଼ିଛନ୍ତି ଏହି ଗଳ୍ପକୁ ନେଇ। ଆଶାକରୁଛି, 'କାଦମ୍ବିନୀ'ର ପ୍ରିୟ ପାଠକ ପାଠିକାଗଣ ଏହାକୁ ସାଦରେ ଗ୍ରହଣ କରିବେ ଏବଂ ମୋର ବିଶ୍ୱାସ, ଆମ ଭାଷାର ଏହି ମହାନ ସାଧକଙ୍କ ସାହିତ୍ୟ ଜଗତ ପ୍ରତି ଆପଣମାନଙ୍କୁ ଆକୃଷ୍ଟ କରିବା ସହିତ ଏହା ପାଠକୀୟ ଆନନ୍ଦ ଦେବାରେ ସମର୍ଥ ହେବ। - **ସମ୍ପାଦିକା**

## କାଳଜୟୀ: ପାଠକୀୟତାର କାଠଗଡ଼ାରେ 'ଅନ୍ଧାରୁଆ'

### ଲେଖକ : ଗିରିଜାକୁମାର ବଳୀୟାରସିଂହ

ଅତି-ସାଧାରଣ ଚରିତ୍ରକୁ ନେଇ ଅସାଧାରଣ ଗଳ୍ପଟିଏ- 'ଅନ୍ଧାରୁଆ'। ଏହାର ଏପରି ଅବିସ୍ମରଣୀୟତା ଅର୍ଜନ ମୂଳରେ ଅଛି କ'ଣ? ସବୁ ତ ସହଜ, ସବୁ ତ ସରଳ, ଅଧିକନ୍ତୁ ଆୟତନ ଅଳ୍ପ- ମୋଟେ ଦଶମିନିଟ୍‌ର ଗଳ୍ପ। କିନ୍ତୁ ଶେଷ ହେବା ପରେ ପାଠକକୁ ଦେଇଦିଏ ଶେଷ ନ ହେବାର ସୁତୀବ୍ର ତାଡ଼ନା! ଦୈର୍ଘ୍ୟପ୍ରସ୍ଥର ବନ୍ଧନୀ ଭିତରୁ ଆତ୍ମପ୍ରକଟିତ ହୋଇଉଠେ ଅନ୍ତର୍ଭେଦୀ ଏକ ନିରବ ନିସ୍ତବ୍ଧ ଗଭୀରତା।

## କାଳଜୟୀ: 'ଅନ୍ଧାରୁଆ'

### ଲେଖକ : ସଚ୍ଚିଦାନନ୍ଦ ରାଉତରାୟ

କଳା ମିଚିମିଚି ଅନ୍ଧାର ମଝିରେ ତା'ର ଶଣ୍ଢା ଶଣ୍ଢା କାଳିଆ ବାହା ଦି'ଟାକୁ ଉପରକୁ ଟେକି ଗାଁ ମୁଣ୍ଡ ଦୋକାନ ପାଖରେ ବସି ପହଲି ଗଅଁ ଗଅଁ ହୋଇ ସମସ୍ତିଙ୍କ ମନକଥା କହିବାକୁ ଚେଷ୍ଟାକରେ, ନାନା ଅବଲ୍ୟ କାଢ଼ି ଗହକିମାନଙ୍କ ଅଣ୍ଟାରୁ ପଇସାଏ ଅଧଲାଏ ଖସେଇବ ବୋଲି ବାହାରେ। କିଏ ଦିଏ, କିଏ ବା ମୁହଁ ମୋଡ଼ି ଚାଲିଯାଏ। ଅଧିକାଂଶ ତା' ଆଡ଼ିକି ଦାନ୍ତ ଦି'ଧାଡ଼ିକ ଦେଖାଇ ଖିଁ ଖିଁ ହୋଇ ହସନ୍ତି- ଖତେଇ ହୁଅନ୍ତି। ପହଲି ମାଟିରେ ଗଡ଼େ। ବାଳମୁକୁଳା କରି ହାତଠାରି କେତେ କ'ଣ କହେ। ସମସ୍ତେ କହନ୍ତି, ପହିଚ କରୁଚି।

## ଗଳ୍ପ: କିଏ ଜଣେ ଗୋଟେ ବାସ୍ନାରେ

### ଲେଖିକା : ମୋନାଲିସା ମିଶ୍ର

ଆରେ ବାବା! ଆ', ଆ' ସରି ସରି, ମୁଁ ଆଉ ଚିଡ଼େଇବିନି। ତୋ ପାଇଁ କେକ୍ ବାଢିଦେଲି ଆ'। ରାତିରେ କେକ୍ କାଟିବା ପାଇଁ ଅଲଗା ଗୋଟେ କରିଦେବି। କ୍ରିମ୍ ବାଲା। ଆ'...ଆ'...ମୋ ପୁଅର ଆଜି ବାର୍ଥଡେ। ସନ୍ଧ୍ୟାରେ କେତେ ମଜା କରିବା,ବେଲୁନ୍ ଲଗେଇବା, ଟିମ୍ ଟିମ୍ ତାରା ଝୁଲେଇବା,ସାଙ୍ଗମାନଙ୍କ ମୁଣ୍ଡରେ କ୍ୟାପ୍ ଲଗେଇବା, ରିର୍ଟନ ଗିଫ୍ଟ ଦେବା..।

## ଗଳ୍ପ: ଶର୍ମିଳା

### ଲେଖକ: ପ୍ରକାଶ ବେହେରା

ଏତେ କଥା ଭାବିଲା ବେଳକୁ ଲାଗୁଛି କାହିଁ ଶର୍ମିଳା ଅନ୍ୟ କୋଉଠି ମନ ଦେଇ ନାହିଁ ତ? କାରଣ ନିଜ ପୁରୁଷଠାରୁ ଦୀର୍ଘ ଅନୁପସ୍ଥିତି ଜଣେ ବିବାହିତା ନାରୀର ଭୋକ ଅନ୍ୟ କିଛି ଦାବି ରଖେ! ଶର୍ମିଳା ଯଦିଓ ସେପରି ନୁହେଁ, ଅସମ୍ଭବ କିଛି ବି ନୁହେଁ। ବାଙ୍ଗାଲୋର ଯିବା ତିନି ବର୍ଷ ଭିତରେ ସେ ଗୋଟିଏ ଦିନ ଆସିବାକୁ ଇଚ୍ଛା କରିନି ଯଦିଓ ବିମାନରେ ଘଣ୍ଟେ କି ଦୁଇ ଘଣ୍ଟା ଭିତରେ ଆସି ପହଞ୍ଚି ଯାଇ ପାରନ୍ତା।

## କବିତା

ଏଥର କବିତାରେ ରହିଛି: ମନୋରଞ୍ଜନ ପାଣିଗ୍ରାହୀଙ୍କ 'ନଳିନୀ ନଳିନୀରେ ପୂରିତ', ସଞ୍ଜିତ କୁମାର ବଳଙ୍କ 'ପତ୍ନୀ', ଗଜାନନ ମିଶ୍ରଙ୍କ 'ସବୁ କ୍ଷୟଶୀଳତା ଭିତରେ', ଶିଶିର ନାୟକଙ୍କ 'ଏଇ ଚୈତ୍ର ମାସ' ଏବଂ ନନ୍ଦକିଶୋର ସିଂହଙ୍କ 'ନବବଧୂର'।

## ଧାରାବାହିକ ଉପନ୍ୟାସ : ଜୀବନପାତ୍ର (ଚତୁର୍ଦ୍ଦଶ ଭାଗ)

### ଲେଖକ : ରାମଚନ୍ଦ୍ର ବେହେରା

ଏଲିନା ନ ଥିବା ଅଫିସ୍ କିପରି ଲାଗେ? କେହି ଜଣେ ପଚାରିଲା ବୁଲୁକୁ ଖୁବ୍ ନିକଟରୁ। ସତେ ଅବା କାନ ପାଖରେ। ଅଫିସ ସମୟ ପୂର୍ବରୁ ପହଞ୍ଚି ଯାଇଥିଲା ସେ ରହିଥିବା ରୁମ୍‌ରେ ତାକୁ ଭଲ ନ ଲାଗିବାରୁ। ଏଠାରେ ପହଞ୍ଚି ସେ ଆବିଷ୍କାର କରୁଚି ଯେ ସେ ବସିଚି ଝାଁ ଝାଁ ଭିତରେ। କେବଳ ଅଫିସ ନୁହେଁ; ସମୁଦାୟ ସହର; ପୃଥିବୀ ଫମ୍ପା ହୋଇ ଯାଇଚି କିମ୍ବା ବିରକ୍ତିକର ଭାବରେ ଅର୍ଥହୀନ ପଡ଼ିଚି। ଆଦୌ ଭଲ ଲାଗୁ ନ ଥିଲା କିଛି। କାମ କରିବାର ସ୍ପୃହା ପରିଣତ ହୋଇ ଯାଉଚି ଗୋଟେ ମଳା ନଈରେ। ବୁଲୁ ଆଦୌ ଆକଳନ କରି ନ ଥିଲା, ଏଲିନା ଏତେ ପ୍ରାସଙ୍ଗିକ ହୋଇଯାଇଥିଲା ତା'ର ଆବେଗଗତ ସତ୍ତା ପାଇଁ।

## ଭ୍ରମଣ କାହାଣୀ : ମୋ ଝର୍କାରୁ ପୃଥିବୀ

## ଲେଖିକା : ସୁସ୍ମିତା ବାଗଚୀ

ଭ୍ରମଣ କାହାଣୀ 'ମୋ ଝର୍କାରୁ ପୃଥିବୀ' ସୁଚରିତା ପତ୍ରିକାରେ ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ଧାରାବାହିକ ଭାବରେ ପ୍ରକାଶ ପାଇ ଲୋକପ୍ରିୟ ହୋଇଥିଲା। ପରେ ଏହାର ଦ୍ୱିତୀୟ ଭାଗ ଲେଖିବା କଥା ମୋତେ ଅନେକ ପାଠକ ପାଠିକା କହିଥିଲେ। ବିଭିନ୍ନ କାରଣରୁ ତାହା ଆଉ ସମ୍ଭବ ହୋଇପାରି ନ ଥିଲା। ମୋର ମନେହୁଏ ସବୁ ପାଇଁ ଗୋଟିଏ ଉପଯୁକ୍ତ ସମୟ ଥାଏ। ଏବେ କଲମ ଧରିଲେ 'ମୋ ଝର୍କାରୁ ପୃଥିବୀ' ଲେଖିବା ପାଇଁ ନିଜ ଭିତରୁ ଏଭଳି ଆଗ୍ରହ ଆସୁଛି ଯେ, ତାକୁ ମୁଁ ଆଡ଼େଇ ଦେଇ ପାରୁନାହିଁ। ଆଶା କରୁଛି, ପ୍ରଥମ ଭାଗ ଭଳି 'କାଦମ୍ବିନୀ'ରେ ପ୍ରକାଶିତ ଦ୍ୱିତୀୟ ଭାଗଟି ମଧ୍ୟ ପାଠକ ପାଠିକାଙ୍କୁ ଭଲ ଲାଗିବ। - ଲେଖିକା।

## ପୁସ୍ତକ ପରିକ୍ରମା

ଏଥର ପୁସ୍ତକ ପରିକ୍ରମାରେ ରହିଛି : 'ମ୍ୟାକ୍‌ବେଥ୍', 'ଅନ୍ଧାର ଭଲ ଲାଗେ', 'ମଡ଼େଲ ଓ ଅନ୍ୟାନ୍ୟ ଗଳ୍ପ', 'ସୁନେଲି ପ୍ରଜାପତି', 'ସତ୍ୟର ବିଳାପ', 'ନିର୍ମଳା ଦେବୀ କବିତା ସମଗ୍ର', 'ସ୍ମୃତିରେ ବାମାଚରଣ', 'ଖରାରେ ଠିଆ ହୋଇଥିବା ଲୋକ', 'କେବେ ତୁମେ ଏକା କେବେ ମୁଁ ଏକା' ଏବଂ 'କିଛି କହିବାର ଅଛି'।

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠରେ ଅଛି ସୁନାପିଲା ଟିକେ ସ୍କୁ ଡିଲା, ଫିଲ୍ ମାଇଁ ଦିଲ୍, ମନରେ ତୁ ହି ତୁ, ମୁଁ ଖାଣ୍ଟି ଓଡ଼ିଆ ଝିଅ, ମିଠା ମିଠା ଏବଂ ଟପୋରୀ।

## ଚଳନ୍ତିକା

ଏ ମାସର ଚଳନ୍ତିକା ପୃଷ୍ଠାରେ ଅଛି; 'କାଦମ୍ବିନୀ' ଗଳ୍ପଗାଥା ଉନ୍ମୋଚିତ, ଭୁବନେଶ୍ୱର ପୁସ୍ତକମେଳା, ସ୍ମୃତି ସାରଦା, ବୈଶାଖୀ ମହୋତ୍ସବ, ସ୍ମୃତି ଏକ ରୁପାଜହ୍ନ, 'ଅଭିପ୍ରେତ କାଳ' ଉନ୍ମୋଚିତ, 'ଅସମାପିକା' ଉନ୍ମୋଚିତ, ରୋଟାରୀ ସାହିତ୍ୟ ସନ୍ଧ୍ୟା ଏବଂ 'ଆମ ଭୁବନେଶ୍ୱର' ସମ୍ମାନ ପ୍ରଦାନ ଉତ୍ସବ।

## ରାଶିଫଳ ଓ ତିଥି-ବାର-ବେଳା

ମଇ ମାସର ଭାଗ୍ୟଫଳ ସାଙ୍ଗକୁ ମଇ ଓ ଜୁନ୍ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଆମ ରୋଷେଇ

ଏଥରର ରୋଷେଇ ପୃଷ୍ଠାରେ ଅଛି, ରାମଲଡୁ, ସିର୍‌ନି, ରସବରା, ମୁଗଡ଼ାଲି କୋଫ୍‌ତା, କଲରା କୁର୍‌କୁରେ ଏବଂ ପକୋଡ଼ା ଫ୍ରାଏ।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

■■■